Odisha Sub-ordinate Staff Selection Commission
(OSSSC), Govt. of Odisha

# OSSSC CRE 2025

## Combined Recruitment Examination · Preliminary · Question Paper

**09 Jun 2026 · 4:00 PM - 5:30 PM** **Odia Version**

RI · ICDS Supervisor · VAW · JA · ARI · Amin · SFS | Official Answer Key

## About this Paper


This is the **OSSSC Combined Recruitment Examination (CRE) 2025** Preliminary written test (Advt. IIE-120/2025-3219) for the posts of Revenue Inspector, ICDS Supervisor, Village Agricultural Worker, Junior Assistant, Assistant Revenue Inspector, Amin & Statistical Field Surveyor — **09 Jun 2026, 4:00 PM - 5:30 PM** shift, **Odia version**, with the correct option marked as per the official answer key.

**Exam pattern:** 100 questions · 100 marks · 90 minutes. Sections: Mathematics 20, General Studies 20, English 20, Odia 15, Computer 15, Logical Reasoning 10. Marking: **+1** correct, **−0.25** wrong.

**✓ Correct option (highlighted green)**

### More from QMaths

Check your marks & All-India rank at **rank.qmaths.in**. Master English vocabulary with the **Blackbook** app.




***Toppers' Choice, Blackbook of English Vocabulary, Now available in App format : DOWNLOAD NOW***

## Quant

**Q1** Quant

ମୋହିନୀ, ସୋହନି ଏବଂ ରାଣୀ ଏକାଠି ଏକ ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଲେ । ମୋହିନୀ ₹50,000, ସୋହିନୀ ₹75,000 ଏବଂ ରାଣୀ ₹1,00,000 ନିବେଶ କଲେ । ଏକ ବର୍ଷ ପରେ ସେମାନଙ୍କ ବ୍ୟବସାୟରୁ ₹90,000 ଲାଭ ହେଲା । ଯଦି ରାଣୀ ପରବର୍ତ୍ତୀ ବର୍ଷ ପାଇଁ ବ୍ୟବସାୟରେ ତାଙ୍କ ଲାଭର ଅଂଶ ପୁନଃନିବେଶ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ତାଙ୍କର ନୂତନ ମୋଟ ନିବେଶ କେତେ?

- **A.** ₹1,70,000
- **B.** ₹1,05,000
- **C.** ₹1,20,000
- **D.** ₹1,40,000 ✓

**Q2** Quant

ସଂଖ୍ୟା 1280, 1460 ଓ 2000 ର ଲ.ସା.ଗୁ. ନିର୍ଣ୍ଣୟ କର ।

- **A.** 23,36,000 ✓
- **B.** 23,96,000
- **C.** 23,64,000
- **D.** 23,72,000

**Q3** Quant

ଜଣେ ଦୋକାନୀ ଏକ ଜିନିଷ ଉପରେ 6% ରିହାତି ଘୋଷଣା କରନ୍ତି ଏବଂ ₹70 ନଗଦ ରିହାତି ମଧ୍ୟ ପ୍ରଦାନ କରନ୍ତି । ଯଦି ବିକ୍ରୟ ମୂଲ୍ୟ ₹400 ହୁଏ, ତେବେ ଏହାର ଚିହ୍ନିତ ମୂଲ୍ୟ ନିର୍ଣ୍ଣୟ କର ।

- **A.** ₹500 ✓
- **B.** ₹529
- **C.** ₹540
- **D.** ₹562

**Q4** Quant

ଦୁଇ ଜଣ ପ୍ରାର୍ଥୀ A ଓ B ଙ୍କ ମଧ୍ୟରେ ହୋଇଥିବା ଏକ ନିର୍ବାଚନରେ B ମୋଟ ଭୋଟର 54% ଭୋଟ ପାଇ 8976 ଖଣ୍ଡ ଭୋଟ ର ବହୁମତରେ ଜିତିଥିଲେ ଏବଂ ମତଦାନ ହୋଇଥିବା ସମସ୍ତ ଭୋଟ ବୈଧ ଥିଲା । A ଙ୍କୁ ମିଳିଥିବା ଭୋଟ ସଂଖ୍ୟା ________ ଥିଲା ।

- **A.** 51,612 ✓
- **B.** 51,957
- **C.** 52,302
- **D.** 50,490

**Q5** Quant

ଗୋଟିଏ ବୋଟ ସ୍ରୋତର ପ୍ରତିକୂଳରେ 4 ଘଣ୍ଟାରେ 40 km ଏବଂ ସ୍ରୋତର ଅନୁକୂଳରେ 3 ଘଣ୍ଟାରେ 60 km ଅତିକ୍ରମ କରେ । ସ୍ରୋତର ବେଗ କେତେ?

- **A.** 2 km/hr
- **B.** 2.5 km/hr
- **C.** 3 km/hr
- **D.** 5 km/hr ✓

**Q6** Quant

ତିନି ଜଣ ବନ୍ଧୁ ଏକାଠି 6 ଘଣ୍ଟାରେ ଗୋଟିଏ କାନ୍ଥ ରଙ୍ଗ କରିପାରିବେ । ଯଦି ଏକାକୀ ଜଣେ ବନ୍ଧୁ କାର୍ଯ୍ୟ ଶେଷ କରିବା ପାଇଁ 18 ଘଣ୍ଟା ସମୟ ନିଅନ୍ତି, ତେବେ ଅନ୍ୟ ଦୁଇ ବନ୍ଧୁ ଏକାଠି କାମ କରି କାର୍ଯ୍ୟକୁ କେତେ ସମୟ (ଘଣ୍ଟା ରେ)ରେ ଶେଷ କରିବେ?

- **A.** 6
- **B.** 9 ✓
- **C.** 12
- **D.** 15

**Q7** Quant

ଯଦି ସଂଖ୍ୟା 18.5, 23.5, 20.5, 11.5, 26.5 ଏବଂ x ର ମାଧ୍ୟମାନ 19 ହୁଏ, ତେବେ ସମାନ ଲବ୍ଧାଙ୍କର ମଧ୍ୟମା __________ ଅଟେ ।

- **A.** 19.5 ✓
- **B.** 20.5
- **C.** 21.5
- **D.** 22.5

**Q8** Quant

ଏକ କାର ମୁମ୍ବାଇରୁ ପୁଣେକୁ 54 ମାଇଲ/ଘଣ୍ଟା ବେଗରେ ଯାତ୍ରା କରେ ଏବଂ ପୁଣେରୁ ମୁମ୍ବାଇକୁ 46 ମାଇଲ/ଘଣ୍ଟା ବେଗରେ ଫେରିଆସେ । ସମଗ୍ର ଯାତ୍ରା ପାଇଁ କାରର ହାରାହାରି ବେଗ କେତେ ଅଟେ? (ମାଇଲ/ଘଣ୍ଟାରେ, ଦଶମିକ ଏକ ସ୍ଥାନ ପର୍ଯ୍ୟନ୍ତ)

- **A.** 49.7 ✓
- **B.** 50.2
- **C.** 50
- **D.** 51

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q9** Quant

ଏକ କୋନ ଆକୃତିର ଭୂମିର ବ୍ୟାସ 24 cm ଓ ଉଚ୍ଚତା 16 cm ଅଟେ । $cm^2$ ପିଛା 84 ପଇସା ହାରରେ କୋନ ଆକୃତିର ପୃଷ୍ଠତଳକୁ ରଙ୍ଗ କରିବା ପାଇଁ କେତେ ଖର୍ଚ୍ଚ (ନିକଟତମ ଟଙ୍କାରେ ଏବଂ π = 22/7 ବ୍ୟବହାର କର) ହେବ?

- A. ₹648
- B. ₹634 ✓
- C. ₹618
- D. ₹624

**Q10** Quant

50 ର 25% ଅପେକ୍ଷା 65 ର 30% କେତେ ଅଧିକ ଅଟେ?

- A. 7 ✓
- B. 2
- C. 4
- D. 9

**Q11** Quant

ଗୋଟିଏ ପାଇପ୍ ଗୋଟିଏ ଟାଙ୍କିକୁ 4 ମିନିଟରେ ପୂର୍ଣ୍ଣ କରିପାରିବ ଯେତେବେଳେ ଅନ୍ୟ ଏକ ପାଇପ ପୂର୍ଣ୍ଣ ଟାଙ୍କିକୁ 8 ମିନିଟରେ ଖାଲି କରିପାରିବ । ଯଦି ଟାଙ୍କି ଖାଲି ଥିବା ସମୟରେ ଉଭୟ ପାଇପକୁ ଏକାଠି ଖୋଲାଯାଏ, ତେବେ ଟାଙ୍କିର ତିନି-ଚତୁର୍ଥାଂଶ ପୂର୍ଣ୍ଣ ହେବାକୁ କେତେ ମିନିଟ୍ ଲାଗିବ?

- A. 6 ✓
- B. 12
- C. 7
- D. 13

**Q12** Quant

₹5,662 କୁ P, Q ଏବଂ R ମଧ୍ୟରେ ଏପରି ଭାବେ ବିଭକ୍ତ କରାଯାଇଛି ଯେ ଯଦି ସେମାନଙ୍କ ଭାଗରୁ ₹78, ₹33 ଏବଂ ₹79 ବିୟୋଗ କରାଯାଏ ତେବେ ସେମାନଙ୍କ ପାଖରେ 3 : 2 : 11 ଅନୁପାତରେ ଟଙ୍କା ରହିବ । ବିୟୋଗ ପରେ P ର ଭାଗ ନିର୍ଣ୍ଣୟ କର ।

- A. ₹1,026 ✓
- B. ₹926
- C. ₹1,176
- D. ₹976

**Q13** Quant

ଯଦି ବାର୍ଷିକ 5% ସୁଧ ହାରରେ 2 ବର୍ଷ ପାଇଁ ₹99,800 ନିବେଶ କରାଯାଏ, ତେବେ ଚକ୍ରବୃଦ୍ଧି ସୁଧ (ବାର୍ଷିକ ଭାବେ ଚକ୍ରବୃଦ୍ଧି ହେଉଥିବା) ଏବଂ ସରଳ ସୁଧ ମଧ୍ୟରେ ପାର୍ଥକ୍ୟ କେତେ ହେବ?

- A. ₹249.50 ✓
- B. ₹251.40
- C. ₹245.30
- D. ₹255.20

**Q14** Quant

23 cm ବ୍ୟାସାର୍ଦ୍ଧ ଏବଂ 21 cm ଉଚ୍ଚତା ବିଶିଷ୍ଟ ଏକ ନିଦା ସିଲିଣ୍ଡରର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ________ ଅଟେ ।

- A. $2024\pi\ cm^2$ ✓
- B. $2021\pi\ cm^2$
- C. $2015\pi\ cm^2$
- D. $1929\pi\ cm^2$

**Q15** Quant

ଯଦି ଏକ ସୁଷମ ବହୁଭୁଜର n ସଂଖ୍ୟକ ବାହୁ ଅଛି ଏବଂ ଏହାର ପ୍ରତ୍ୟେକ ଅନ୍ତଃସ୍ଥ କୋଣର ପରିମାଣ 156° ହୁଏ, ତେବେ ବାହୁ ସଂଖ୍ୟା n ନିର୍ଣ୍ଣୟ କର ଏବଂ ଏହି ବହୁଭୁଜର ପରିସୀମା ଏବଂ ଏକ ସପ୍ତଭୁଜର ପରିସୀମାର ଅନୁପାତ ନିର୍ଣ୍ଣୟ କର, ଯାହାର ବାହୁ ଏହି ବହୁଭୁଜର ବାହୁ ସହିତ ସମାନ ଅଟେ ।

- A. 11, 11 : 5
- B. 12, 12 : 7
- C. 14, 14 : 7
- D. 15, 15 : 7 ✓

**Q16** Quant

ବାର୍ଷିକ 10% ସରଳ ସୁଧ ହାରରେ କେତେ ମାସରେ ମୂଳଧନ ₹3,000ର ସୁଧ ₹500 ହେବ?

- A. 20 ✓
- B. 17
- C. 18
- D. 24

**Q17** Quant

ଜଣେ ବ୍ୟବସାୟୀ ଗୋଟିଏ ଜିନିଷକୁ ଏହାର ଚିହ୍ନିତ ମୂଲ୍ୟ ଉପରେ 35% ଏବଂ 40% ର ଦୁଇଟି କ୍ରମିକ ରିହାତି ପରେ ବିକ୍ରୟ କରି 30% ଲାଭ କରନ୍ତି । ଯଦି ଜିନିଷର କ୍ରୟ ମୂଲ୍ୟ 62% ବୃଦ୍ଧି ପାଏ, ତେବେ ପୂର୍ବ ପରି ସମାନ ଲାଭ ପ୍ରତିଶତ ପାଇବା ପାଇଁ ସେ ବର୍ତ୍ତମାନ ସମାନ ଚିହ୍ନିତ ମୂଲ୍ୟ ଉପରେ କେତେ ଏକକ ରିହାତି ଦେବା ଉଚିତ?

- A. 36.82% ✓
- B. 35.39%
- C. 39.86%
- D. 38.75%

**Q18** Quant

ନିମ୍ନଲିଖିତ ଅନୁପାତ ମଧ୍ୟରୁ କେଉଁଟି 9 : 13 ଠାରୁ ବଡ ଅଟେ ?

(ଟିପ୍ପଣୀ: ଦଶମିକ 2 ସ୍ଥାନ ପର୍ଯ୍ୟନ୍ତ ମୂଲ୍ୟଗୁଡ଼ିକୁ ତୁଳନା କର ।)

- A. 4 : 7
- B. 8 : 15
- C. 6 : 10
- D. 7 : 9 ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q19** Quant

ନିମ୍ନଲିଖିତ ପରିପ୍ରକାଶକୁ ସରଳ କର ।

$$\frac{50(35\times35+15\times15-35\times15)}{(35\times35-15\times15)}$$

A. 46.75

B. 46.25 ✓

C. 47.25

D. 47.75

**Q20** Quant

ସରଳ କର:

$$\sqrt{144}+\sqrt{0.0361}-\sqrt{5.29}$$

A. 9.89 ✓

B. 6.96

C. 15.51

D. 6.82

## GA

**Q21** GA

2 ୟ ଏସୀୟ ଯୋଗାସନ ଚାମ୍ପିଅନସିପ 2025 ଭାରତର କେଉଁ ସହରରେ ଆୟୋଜନ ହୋଇଥିଲା?

A. କୋଲକାତା

B. ମୁମ୍ବାଇ

C. ଚେନ୍ନାଇ

D. ନୂଆ ଦିଲ୍ଲୀ ✓

**Q22** GA

କେଉଁ ମନ୍ତ୍ରଣାଳୟ ଭାରତରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଚାରିପାଖରେ ତମାଖୁ-ମୁକ୍ତ ଅଞ୍ଚଳ କାର୍ଯ୍ୟକାରୀ କରିବା ପାଇଁ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିଛି?

A. ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ

B. ଗୃହ ମନ୍ତ୍ରଣାଳୟ

C. ଶିକ୍ଷା ମନ୍ତ୍ରଣାଳୟ ✓

D. ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ

**Q23** GA

କେଉଁ ଲେଖକ ଏପ୍ରିଲ 2025 ରେ "ସେ ୟୁ ୱିଲ୍ ରିମେମ୍ବର ମି (Say You'll Remember Me)" ପ୍ରକାଶ କରିଥିଲେ?

A. ଆବି ଜିମେନେଜ (Abby Jimenez) ✓

B. ଲିସା ଜୁଏଲ (Lisa Jewell)

C. ଫ୍ରେଡ୍ରିକ୍ ବ୍ୟାକମ୍ୟାନ୍ (Fredrik Backman)

D. V. E. ସ୍ବାବ୍ (V. E. Schwab)

**Q24** GA

2025 ମସିହା ସେପ୍ଟେମ୍ବର ମାସରେ 'ଦେବୀ ଆୱାର୍ଡସ 2025' (Devi Awards 2025) ର 33ତମ ସଂସ୍କରଣ କେଉଁ ଭାରତୀୟ ସହରରେ ଆୟୋଜିତ ହୋଇଥିଲା?

A. ଭୁବନେଶ୍ୱର ✓

B. ଦିଲ୍ଲୀ

C. ଚେନ୍ନାଇ

D. ଲକ୍ଷ୍ନୌ

**Q25** GA

ଓଡ଼ିଶାର ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଛଅଟି ପ୍ରମୁଖ ନଦୀ— ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଏବଂ ଋଷିକୁଲ୍ୟାର ମିଳିତ ତ୍ରିକୋଣଭୂମି ଦ୍ୱାରା ଗଠିତ । ଏହି ସ୍ୱତନ୍ତ୍ର ଭୌଗୋଳିକ ବୈଶିଷ୍ଟ୍ୟ ଯୋଗୁଁ ଓଡ଼ିଶାର ଉପକୂଳବର୍ତ୍ତୀ ସମତଳ ଅଞ୍ଚଳକୁ କେଉଁ ନିର୍ଦ୍ଦିଷ୍ଟ ନାମରେ ଜଣାଯାଏ?

A. କୋଙ୍କଣ ଉପକୂଳବର୍ତ୍ତୀ ସମତଳ

B. ହେକ୍ସାଡେଲଟାଇକ ଅଞ୍ଚଳ ✓

C. କରମଣ୍ଡଳ ଉପକୂଳବର୍ତ୍ତୀ ସମତଳ

D. ଉତ୍ତର ସିରକାର ଉପକୂଳବର୍ତ୍ତୀ ସମତଳ

Blackbook Vocabulary — Now in the App! ► Download Now on Google Play

**Q26** GA

ଅହମ୍ମଦାବାଦ ମିଲ ଶ୍ରମିକ ଏବଂ ମାଲିକଙ୍କ ମଧ୍ୟରେ ବିବାଦର କାରଣ କ'ଣ ଥିଲା?

A. ମାଲିକମାନେ ଶ୍ରମିକଙ୍କଠାରୁ ଭାରୀ ଟିକସ ଆଦାୟ କରୁଥିଲେ

B. ସୁଦ୍ରମାନଙ୍କୁ ମିଲ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନଥିଲା

C. ଜୋରଜବରଦସ୍ତ ଅଧିକ ଘଣ୍ଟା କାମ

D. 'ପ୍ଲେଗ୍ ବୋନସ' ପ୍ରତ୍ୟାହାର ✓

**Q27** GA

ଯଦି ଆମେ କଠିନ ପଦାର୍ଥର _______ କରିବା, ତେବେ ଏହା ତରଳ ପଦାର୍ଥରେ ପରିଣତ ହୋଇଯିବ ।

A. ଚାପ ବୃଦ୍ଧି କରିବା

B. ତାପମାତ୍ରା ବୃଦ୍ଧି କରିବା ✓

C. ଆୟତନ ହ୍ରାସ କରିବା

D. ଏହାର ରଙ୍ଗ ପରିବର୍ତ୍ତନ କରିବା

**Q28** GA

ଅକ୍ଟୋବର 2025 ରେ ଓଡ଼ିଶାର କେଉଁ ସ୍ଥାନରେ 'ହାତୀଆଶୁଣ୍ଢ' ନାମକ ଏକ ବିରଳ ହାତୀଶୁଣ୍ଢ ଆକୃତିର ଘୂର୍ଣ୍ଣିବାତ୍ୟା (ଟର୍ଣ୍ଣାଡୋ) ଦେଖିବାକୁ ମିଳିଥିଲା?

A. ଚିଲିକା ହ୍ରଦ ✓

B. ଭୁବନେଶ୍ୱର

C. ହୀରାକୁଦ ଡ୍ୟାମ

D. କଟକ

**Q29** GA

ଜଣେ ଛାତ୍ର ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଏକ ସ୍ଲାଇଡ ପର୍ଯ୍ୟବେକ୍ଷଣ କରୁଛନ୍ତି, ଯେଉଁଥିରେ ଏକ ବୃହତ କୋଷ ପିଣ୍ଡ, ଏକ ଦୀର୍ଘ ସ୍ପଷ୍ଟ ନ୍ୟଷ୍ଟି ଏବଂ, ସୂକ୍ଷ୍ମ ତନ୍ତ ସଦୃଶ ପ୍ରବର୍ଦ୍ଧ ବିଶିଷ୍ଟ କୋଷଗୁଡ଼ିକ ଦୃଶ୍ୟମାନ ହେଉଛି । ଏଠାରେ କେଉଁ ଟିସୁ ପର୍ଯ୍ୟବେକ୍ଷଣ କରାଯାଉଛି?

A. ପେଶୀୟ ଟିସୁ

B. ସଂଯୋଜକ ଟିସୁ

C. ସ୍ନାୟୁ ଟିସୁ ✓

D. ଏପିଥେଲିଆଲ ଟିସୁ

**Q30** GA

ନିମ୍ନଲିଖିତ ମଧ୍ୟରୁ କେଉଁଟି 16 ତମ ପ୍ରେସିଡେନସିଆଲ ରେଫରେନ୍ସ (2025) ରେ ସୁପ୍ରିମ କୋର୍ଟଙ୍କ ଏକ ପ୍ରମୁଖ ମତ ଥିଲା?

A. ରାଜ୍ୟ ବିଧେୟକକୁ ମଞ୍ଜୁରି ଦେବା ପାଇଁ ନ୍ୟାୟପାଳିକା, ରାଷ୍ଟ୍ରପତି କିମ୍ବା ରାଜ୍ୟପାଳମାନଙ୍କ ଉପରେ 60 ଦିନର ସମୟସୀମା ଲାଗୁ କରିପାରିବେ

B. ରାଜ୍ୟ ବିଧେୟକକୁ ମଞ୍ଜୁରି ଦେବା ପାଇଁ ନ୍ୟାୟପାଳିକା, ରାଷ୍ଟ୍ରପତି କିମ୍ବା ରାଜ୍ୟପାଳମାନଙ୍କ ଉପରେ 30 ଦିନର ସମୟସୀମା ଲାଗୁ କରିପାରିବେ

C. ରାଜ୍ୟ ବିଧେୟକକୁ ମଞ୍ଜୁରି ଦେବା ପାଇଁ ନ୍ୟାୟପାଳିକା, ରାଷ୍ଟ୍ରପତି କିମ୍ବା ରାଜ୍ୟପାଳମାନଙ୍କ ଉପରେ ନିର୍ଦ୍ଦିଷ୍ଟ ସମୟସୀମା ଲାଗୁ କରିପାରିବେ ନାହିଁ ✓

D. ରାଜ୍ୟ ବିଧେୟକକୁ ମଞ୍ଜୁରି ଦେବା ପାଇଁ ନ୍ୟାୟପାଳିକା, ରାଷ୍ଟ୍ରପତି କିମ୍ବା ରାଜ୍ୟପାଳମାନଙ୍କ ଉପରେ ନିର୍ଦ୍ଦିଷ୍ଟ ସମୟସୀମା ଲାଗୁ କରିପାରିବେ

**Q31** GA

କାରାକୋରମ, ଲଦାଖ ଏବଂ ଜାନ୍ସକର ପର୍ବତମାଳା ଦ୍ୱାରା ଆଚ୍ଛାଦିତ ଅଞ୍ଚଳ ନିମ୍ନଲିଖିତ ମଧ୍ୟରୁ କେଉଁ ବିଶେଷତା ଦ୍ୱାରା ସର୍ବୋତ୍ତମ ଭାବେ ବର୍ଣ୍ଣିତ ହୋଇଥାଏ?

A. ପ୍ରବଳ ମୌସୁମୀ ବର୍ଷା ଏବଂ ଘନ ସବୁଜ ଜଙ୍ଗଲ

B. ଉଚ୍ଚ ସ୍ତରର ଜୈବ ବିବିଧତା ସହିତ କ୍ରାନ୍ତୀୟ ଜଳବାୟୁ

C. ଦୁର୍ବିପାକ ପୂର୍ଣ୍ଣ ଜଳବାୟୁ ଏବଂ ଏକ ମୃଦୁ, ଶୀତଳ-ଶୁଷ୍କ ପରିସଂସ୍ଥା ✓

D. ପ୍ରଶସ୍ତ ନଦୀ ଉପତ୍ୟକା ଏବଂ ଅତ୍ୟନ୍ତ ଉର୍ବର ସମତଳ ଭୂମି

**Q32** GA

ଗ୍ରୀନହାଉସ ପ୍ରଭାବ ଏବଂ ବିଶ୍ୱତାପନ (Global warming) ପାଇଁ କେଉଁ ମାନବ କାର୍ଯ୍ୟକଳାପ ମୁଖ୍ୟତଃ ଦାୟୀ ଅଟେ?

A. ସହରାଞ୍ଚଳ ସବୁଜ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ।

B. ଅତ୍ୟଧିକ ଜୀବାଶ୍ମ ଇନ୍ଧନ ଦହନ ✓

C. ଫସଲ ଚକ୍ରର କାର୍ଯ୍ୟକାରିତା

D. ଜଳ ବିଦ୍ୟୁତ ଶକ୍ତିର ସମ୍ପ୍ରସାରଣ

**Q33** GA

ଅଧିକ ବର୍ଷା ଓ ଉଚ୍ଚ ତାପମାତ୍ରା ଥିବା ଅଞ୍ଚଳରେ କେଉଁ ପ୍ରକାରର ଉଦ୍ଭିଦାଞ୍ଚଳ ଦେଖିବାକୁ ମିଳିଥାଏ?

A. କ୍ରାନ୍ତୀୟ ବର୍ଷା ଅରଣ୍ୟ ✓

B. ଟୁନ୍ଦ୍ରା ଉଦ୍ଭିଦାଞ୍ଚଳ

C. ମରୁଭୂମି ଉଦ୍ଭିଦାଞ୍ଚଳ

D. ତୃଣଭୂମି

**Q34** GA

ଏକ ଧ୍ୱନୀକୁ କେବଳ ସେତେବେଳେ ସଙ୍ଗୀତ ଭାବରେ ଚିହ୍ନଟ କରାଯାଏ, ଯେତେବେଳେ ଏହା ___________ ହୋଇଥାଏ ।

A. ସ୍ପଷ୍ଟ ଭାବରେ ଅନୁଭବ କରିବା ପାଇଁ ପର୍ଯ୍ୟାପ୍ତ ଶ୍ରବଣ କ୍ଷମତା ଥିଲେ

B. କେବଳ ବାଦ୍ୟଯନ୍ତ୍ର ବ୍ୟବହାର ମାଧ୍ୟମରେ ସୃଷ୍ଟି ହେଲେ

C. ସ୍ୱର ଏବଂ ତାଳର ସଂଗଠନ ମାଧ୍ୟମରେ ସଂରଚିତ ଅର୍ଥ ପ୍ରାପ୍ତ କଲେ ✓

D. ଏକ ଆନୁଷ୍ଠାନିକ ପରିବେଶରେ ପ୍ରଶିକ୍ଷିତ କଳାକାରମାନଙ୍କ ଦ୍ୱାରା ପରିବେଷଣ ହେଲେ

**Q35** GA

କେଉଁ ପରିସ୍ଥିତିରେ ଏକ ବଳ ଦ୍ୱାରା ସମ୍ପାଦିତ କାର୍ଯ୍ୟକୁ ଧନାତ୍ମକ ବିବେଚନା କରାଯାଏ?

A. ଯେତେବେଳେ ବଳ ଶୂନ୍ୟ ଅଟେ

B. ଯେତେବେଳେ ବିସ୍ଥାପନ ଶୂନ୍ୟ ହୋଇଥାଏ

C. ଯେତେବେଳେ ବଳ ଏବଂ ବିସ୍ଥାପନ ସମାନ ଦିଗରେ ରହିଥାଏ ✓

D. ଯେତେବେଳେ ବଳ ବିସ୍ଥାପନ ସହିତ ଲମ୍ବ ହୋଇଥାଏ

Blackbook Vocabulary — Now in the App! ► Download Now on Google Play

**Q36** GA

ଭାରତ ସରକାରଙ୍କ ନିମ୍ନଲିଖିତ କେଉଁ ଯୋଜନା ଆନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକରେ ପ୍ରଦର୍ଶନ ଉନ୍ନତ କରିବା ପାଇଁ ଉଚ୍ଚକୋଟୀର ଖେଳାଳିମାନଙ୍କୁ ଆର୍ଥିକ ସହାୟତା, ତାଲିମ ଏବଂ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବା ଉପରେ ଧ୍ୟାନ ଦିଏ?

- **A.** ଫିଟ ଇଣ୍ଡିଆ ମୁଭମେଣ୍ଟ .
- **B.** ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ ✓
- **C.** ସ୍କିଲ ଇଣ୍ଡିଆ
- **D.** ଷ୍ଟାର୍ଟ ଅପ ଇଣ୍ଡିଆ

**Q37** GA

କେଉଁ ଭୂତାତ୍ତ୍ୱିକ ବୈଶିଷ୍ଟ୍ୟ ଦକ୍ଷିଣାତ୍ୟ ମାଳଭୂମିକୁ ଭାରତର ସବୁଠାରୁ ସ୍ଥିର ଭୂଭାଗ ମଧ୍ୟରୁ ଅନ୍ୟତମ କରି ଗଢ଼ିତୋଳିଛି?

- **A.** ଛୋଟ ଛୋଟ ଭଙ୍ଗିଳ ପର୍ବତର ଉପସ୍ଥିତି
- **B.** ଅତି ପୁରାତନ ଆଗ୍ନେୟ ଏବଂ ରୂପାନ୍ତରିତ ଶିଳାର ଗଠନ ✓
- **C.** ସାମ୍ପ୍ରତିକ ସମୟରେ ବାରମ୍ବାର ହେଉଥିବା ଆଗ୍ନେୟ ଉଦଗୀରଣ
- **D.** ନିରନ୍ତର ପଟୁ ମୃତ୍ତିକା ଅବକ୍ଷେପଣ

**Q38** GA

ଭାରତକୁ ଅଧିକ ସ୍ୱାୟତ୍ତତା ପ୍ରଦାନ କରିବା ପାଇଁ ଏବଂ ଭାରତର ସଂଘୀୟ ଢାଞ୍ଚାର ମୂଳଦୁଆ ସ୍ଥାପନ କରିବା ପାଇଁ ବ୍ରିଟିଶ ସଂସଦ ଦ୍ୱାରା 1935 ମସିହାରେ କେଉଁ ଆଇନ ପାରିତ ହୋଇଥିଲା?

- **A.** ଇଣ୍ଡିଆନ କାଉନସିଲ ଆକ୍ଟ 1861
- **B.** ଇଣ୍ଡିଆନ ଗଭର୍ଣ୍ଣମେଣ୍ଟ ଆକ୍ଟ 1935 ✓
- **C.** ଗଭର୍ଣ୍ଣମେଣ୍ଟ ଅଫ ଇଂଲଣ୍ଡ ଆକ୍ଟ 1935
- **D.** ଇଣ୍ଡିଆନ କାଉନସିଲ ଆକ୍ଟ 1909

**Q39** GA

ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ ମାନବ ବିକାଶ ସୂଚକାଙ୍କ (HDI) ମାପ କରିଥାଏ?

- **A.** ଏକ ଦେଶର ଅର୍ଥନୈତିକ ଅଭିବୃଦ୍ଧି
- **B.** ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସମ୍ବଳର ଉପଲବ୍ଧତା ✓
- **C.** ଏକ ରାଷ୍ଟ୍ରର ସାମରିକ ଶକ୍ତି
- **D.** ଗୋଟିଏ ଦେଶର ଭୂମିଖଣ୍ଡର ଆକାର

**Q40** GA

1920 ସେପ୍ଟେମ୍ବରରେ କଲିକତାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନରେ ନିମ୍ନଲିଖିତମାନଙ୍କ ମଧ୍ୟରୁ କିଏ ଯୋଗ ଦେଇଥିଲେ ଯେଉଁଠାରେ ସଦସ୍ୟମାନେ ଗାନ୍ଧୀଙ୍କ ଅସହଯୋଗ କାର୍ଯ୍ୟକ୍ରମକୁ ଗ୍ରହଣ କରିଥିଲେ?

- **A.** ବିଜୁ ପଟ୍ଟନାୟକ
- **B.** ଗୋପବନ୍ଧୁ ଦାସ ✓
- **C.** କୃଷ୍ଣ ଚନ୍ଦ୍ର ଗଜପତି
- **D.** ହରେକୃଷ୍ଣ ମହତାବ

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

# English

**Q41** English

Select the option that can be used as a one-word substitute for the given group of words.

A person who loves mankind

- **A.** Philanthropist ✓
- **B.** Misogynist
- **C.** Pessimist
- **D.** Misanthrope

**Q42** English

Parts of a sentence are given below. While the first part and last part are in the correct place, the remaining parts (labelled A, B, C and D) are jumbled up. Arrange the parts in the correct order to form a meaningful and coherent sentence.

The foolish / opened her mouth ( A ) / flattery and ( B ) / crow was ( C ) / pleased with this ( D ) / to sing.

- **A.** D C B A
- **B.** C D B A ✓
- **C.** A C B D
- **D.** B D A C

**Q43** English

Select the option that expresses the given sentence in active voice.

The letter had been posted by him by that time.

- **A.** He had posted the letter by that time. ✓
- **B.** He has posted the letter by that time.
- **C.** The letter was posted by him by that time.
- **D.** He had been posting the letter by that time.

**Q44** English

Replace the highlighted segment with an appropriate idiom.
The company was in financial trouble, and the manager had to **deal with a very risky situation.**

- **A.** bite the bullet
- **B.** beat around the bush
- **C.** face the music ✓
- **D.** hold his horses

**Q45** English

Choose the correct idiom that means the same as the underlined word segment in the following sentence.
The child's curiosity made his mother very tired by constant questioning.

- **A.** showed her the ropes
- **B.** kept her posted
- **C.** broke the ice
- **D.** drove her up the wall ✓

Blackbook Vocabulary — Now in the App! ► Download Now on Google Play

**Q46** English

Identify the correctly spelled word to replace the misspelt word in the sentence.

The scientist performed an important experimant in the laboratory.

**A.** exparimant

**B.** experiment ✓

**C.** experimint

**D.** experement

**Q47** English

> Read the following passage and answer the following questions.
>
> Reading plays a vital role in shaping a thoughtful and intelligent mind. Reading is one of the most rewarding habits a person can develop. It enriches the mind with knowledge, enhances imagination, and improves language skills. Through books, readers can travel to different worlds, meet new ideas, and understand diverse cultures. Reading regularly helps in expanding vocabulary and sharpening memory. It also reduces stress by providing a peaceful escape from daily problems. For students, reading is a powerful tool to improve comprehension, writing, and analytical thinking. It nurtures creativity and encourages lifelong learning. In a world filled with distractions, reading helps maintain focus and clarity. Whether it's fiction or non-fiction, every page read contributes to personal growth, wisdom, and emotional balance. Reading truly is the key to opening the doors of knowledge and self-discovery. Therefore, developing a regular reading habit can lead to a more informed, imaginative, and confident life.

According to the passage, how does reading help reduce stress?

**A.** By improving language and vocabulary skills

**B.** By providing a calm escape from daily problems ✓

**C.** By increasing competition among active readers

**D.** By engaging people in continuous mental tasks

**Q48** English

What is the central theme of the passage?

**A.** The growing challenges of reading in modern times

**B.** The importance and lasting benefits of reading habits ✓

**C.** The detailed history of books and written literature

**D.** The clear differences between fiction and non-fiction

**Q49** English

Which title best suits the passage?

**A.** Reading: The Gateway to Knowledge ✓

**B.** Books versus Technology

**C.** The Lost Art of Reading

**D.** The Science of Language Learning

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q50** English

Which statement best describes the structure of the passage?

- **A.** It explains benefits, develops ideas, and concludes meaningfully. ✓
- **B.** It lists various books along with their respective authors.
- **C.** It compares reading habit with other daily leisure activities.
- **D.** It focuses entirely on modern digital reading practices.

**Q51** English

Choose the antonym of the word “enriches” as used in the passage.

- **A.** Improves
- **B.** Weakens ✓
- **C.** Expands
- **D.** Enhances

**Q52** English

A sentence in indirect speech is given below. Complete its correct direct form by choosing the appropriate option.

Indirect: She told me that she could help me later.

Direct: She said to me, “______________________.”

- **A.** I could help you later
- **B.** I can help you later ✓
- **C.** She can help you later
- **D.** I will help you later

**Q53** English

Complete the sentence by selecting the appropriate option:
The researcher _____ the data carefully and _____ meaningful conclusions from the findings.

- **A.** ignored, wasted
- **B.** analyzed, derived ✓
- **C.** misplaced, forgot
- **D.** disturbed, avoided

**Q54** English

Select the sentence that correctly uses the future tense form.

- **A.** She will be visiting her grandparents tomorrow evening. ✓
- **B.** She will have been visiting her grandparents tomorrow evening.
- **C.** She will visits her grandparents tomorrow evening.
- **D.** She visiting her grandparents tomorrow evening.

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q55** English

A statement is divided into different segments. Rearrange all the segments to form a coherent statement.

A: and are used to measure
B: on the surface of the Earth
C: longitude lines are imaginary lines
D: the east-west position of a location
E: that run from the North Pole to the South Pole

- **A.** C E A D B ✓
- **B.** B A C D E
- **C.** A C B E D
- **D.** A B D C E

**Q56** English

Select the most appropriate antonym of the highlighted word in the sentence:

The team worked in **harmony** throughout the project.

- **A.** discord ✓
- **B.** unity
- **C.** cooperation
- **D.** concord

**Q57** English

Choose the most appropriate antonym of the underlined word from the options given below.
The manager's <u>capricious</u> decisions often confused the employees and disrupted the workflow.

- **A.** impulsive
- **B.** consistent ✓
- **C.** whimsical
- **D.** prompt

**Q58** English

Select the option that can be used as a one-word substitute for the underlined group of words.

A trip to her hometown <u>helped her to feel energetic and young and return to work with renewed energy.</u>

- **A.** fatigued
- **B.** exhausted
- **C.** rejuvenated ✓
- **D.** discouraged

Blackbook Vocabulary — Now in the App! ▶ Download Now on Google Play
generated by rank.qmaths.in

**Q59** English

Select the most appropriate option to fill in the blank.

An eagle can fly ______ than a parrot in the sky.

- **A.** much high
- **B.** higher ✓
- **C.** highest
- **D.** high

**Q60** English

Select the most appropriate option to fill in the blank.

The teacher asked the students to read ______ chapter on climate change before the next class.

- **A.** a
- **B.** an
- **C.** the ✓
- **D.** that

## Odia

**Q61** Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ଆମ ଗାଁ ପାଖରେ ଏକ ବଡ଼ "ବନ" ଅଛି।

- **A.** ଜଙ୍ଗଲ ✓
- **B.** ମେଦାନ
- **C.** ଗ୍ରାମ
- **D.** ନଗର

**Q62** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The song was beautifully composed by A.R. Rahman.

- **A.** ଗୀତଟି ସୁନ୍ଦର ଭାବରେ ଏ.ଆର ରେହମାନଙ୍କ ଦ୍ୱାରା ରଚିତ ହୋଇଥିଲା। ✓
- **B.** ଏ.ଆର୍. ରହମାନ ସୁନ୍ଦର ଗୀତଟି ସଂଗୀତିତ କରାଯାଇଥିଲା।
- **C.** ଏ.ଆର୍. ରହମାନ ଦ୍ୱାରା ସୁନ୍ଦର ଗୀତଟି ସଂଗୀତ କରିଥିଲେ।
- **D.** ଏ.ଆର୍. ରହମାନ ଦ୍ୱାରା ଗୀତଟି ସୁନ୍ଦରଭାବେ ସଂଗୀତିତ କରିଥିଲା।

**Q63** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Konark Sun Temple is famous for its magnificent stone architecture.

- **A.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ଭବ୍ୟ ପଥର ଚାରୁକଳା ପାଇଁ ବିଖ୍ୟାତ ଅଟେ। ✓
- **B.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ଶାନ୍ଦାର ପାଥର ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ ଅଛନ୍ତି।
- **C.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ଶାନ୍ଦାର ପାଥର ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ ହେଲା।
- **D.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ଶାନ୍ଦାର ପାଥର ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ ହୋଇ।

Blackbook Vocabulary — Now in the App! ► Download Now on Google Play

**Q64** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମେ ଆସନ୍ତାକାଲି ସିନେମା ଦେଖିଯିବୁ ।

- **A.** We are going to watch a movie.
- **B.** We will go to watch a movie tomorrow. ✓
- **C.** We were going to watch a movie.
- **D.** We should go to watch a movie tomorrow.

**Q65** Odia

ରାଜେଶ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛି, ରେଖାଙ୍କିତ ଶବ୍ଦଟି କେଉଁ ପ୍ରକାରର ବିଶେଷଣ ?

- **A.** ଗୁଣବାଚକ ବିଶେଷଣ
- **B.** ପୂରଣବାଚକ ବିଶେଷଣ ✓
- **C.** ସଂଖ୍ୟା ବାଚକ ବିଶେଷଣ
- **D.** ପରିମାଣବାଚକ ବିଶେଷଣ

**Q66** Odia

ନିମ୍ନରେ ଦିଆଯାଇଥିବା ଶବ୍ଦ ମାନଙ୍କ ମଧ୍ୟରୁ କେଉଁଟି ତତ୍ସମ ଶବ୍ଦ ଚୟନ କର ।

- **A.** ନଅ
- **B.** କର୍କଟ ✓
- **C.** ଭୋଦୁଅ
- **D.** ଦହି

**Q67** Odia

ନିମ୍ନରେ ଦିଆଯାଇଥିବା ଶବ୍ଦ ମଧ୍ୟରୁ କେଉଁଟି ତଦଭବ ଶବ୍ଦ ଲେଖ ।

- **A.** ଖଦୀର
- **B.** ଗଭୀର
- **C.** ମାଟି ✓
- **D.** ନଦୀ

**Q68** Odia

ମୋ କଥା ଆପଣ ଦୟାପୂର୍ବକ ଶୁଣନ୍ତୁ । ଉକ୍ତ ବାକ୍ୟରେ କ୍ରିୟାବିଶେଷଣ ଚିହ୍ନଟ କର ।

- **A.** ମୋ କଥା
- **B.** ଆପଣ
- **C.** ଶୁଣନ୍ତୁ
- **D.** ଦୟାପୂର୍ବକ ✓

Blackbook Vocabulary — Now in the App! ► Download Now on Google Play

**Q69** Odia

ଯେଉଁ ବିଶେଷଣ ଅନ୍ୟ ଏକ ବିଶେଷଣର ଗୁଣ,ମାତ୍ରା,ଅବସ୍ଥା ବା ଆଧିକ୍ୟ ପ୍ରକାଶ କରେ,ତାକୁ କ'ଣ କୁହାଯାଏ ?

**A.** ଗୁଣବାଚକ ବିଶେଷଣ

**B.** ବିଶେଷଣର ବିଶେଷଣ ✓

**C.** ସଂଖ୍ୟାବାଚକ ବିଶେଷଣ

**D.** ପରିମାଣବାଚକ ବିଶେଷଣ

**Q70** Odia

"ଦାଉ ସାଧିବା"- ଏହି ରୂଢ଼ିର ଠିକ୍ ଅର୍ଥ କ'ଣ ?

**A.** ସହଯୋଗ କରିବା

**B.** ପ୍ରତିଶୋଧ ନେବା ✓

**C.** କ୍ଷମା କରିଦେବା

**D.** ଅବହେଳା କରିବା

**Q71** Odia

> ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନ ପ୍ରଶ୍ନଗୁଡ଼ିକର ଉପଯୁକ୍ତ ଉତ୍ତର ନିର୍ଦ୍ଧାରଣ କରନ୍ତୁ।
> ସାମ୍ପ୍ରତିକ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ଅତି ଗୁରୁତ୍ୱପୂର୍ଣ୍ଣ ତଥା ଜଟିଳ ସମସ୍ୟା ଭାବେ ଉଭା ହୋଇଛି, ଯାହା ମାନବ ସଭ୍ୟତା ପାଇଁ ଏକ ବଡ଼ ଆହ୍ୱାନ। ବିଶ୍ୱର ହାରାହାରି ତାପମାତ୍ରାରେ ଅହେତୁକ ବୃଦ୍ଧି ଯୋଗୁଁ ମେରୁ ଅଞ୍ଚଳର ବିଶାଳ ହିମବାହଗୁଡ଼ିକ ଦ୍ରୁତ ଗତିରେ ତରଳିବାକୁ ଲାଗିଛି, ଯାହା ସମୁଦ୍ର ପତ୍ତନ ବୃଦ୍ଧିର କାରଣ ସାଜିଛି। ଏହା ବ୍ୟତୀତ ଅନିୟମିତ ବୃଷ୍ଟିପାତ, ପ୍ରଳୟଙ୍କରୀ ବାତ୍ୟା ଏବଂ ଭୟଙ୍କର ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦେଖାଯାଉଛି। ଏହି ପରିବର୍ତ୍ତନଗୁଡ଼ିକ ଆମର କୃଷି ପ୍ରଣାଳୀ, ପାନୀୟ ଜଳର ଉତ୍ସ ଏବଂ ସାମଗ୍ରିକ ଜୈବ ବିବିଧତା ଉପରେ ଅତି ମାତ୍ରାରେ କୁପ୍ରଭାବ ପକାଉଛି, ଯାହା ଫଳରେ ପୃଥିବୀ ପୃଷ୍ଠରେ ମଣିଷ, ପ୍ରାଣୀ ଏବଂ ଉଦ୍ଭିଦ ଜଗତର ଜୀବନ ଧାରଣ ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି ଯେ, ଯଦି ଆମେ ବାୟୁମଣ୍ଡଳକୁ ସବୁଜଗୃହ ଗ୍ୟାସ ନିର୍ଗମନର ମାତ୍ରାକୁ ତୁରନ୍ତ ହ୍ରାସ ନକରିବା, ତେବେ ଭବିଷ୍ୟତରେ ଆମକୁ ଏହାଠାରୁ ଅଧିକ ଭୟଙ୍କର ଓ କଠିନ ପାଣିପାଗର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ବିଶ୍ୱବ୍ୟାପୀ ସଙ୍କଟର ମୁକାବିଲା କରିବା ପାଇଁ ବର୍ତ୍ତମାନ ସାମୁହିକ ବନୀକରଣ, ଅକ୍ଷୟ ବା ନବୀକରଣୀୟ ଶକ୍ତିର ବ୍ୟବହାର ଏବଂ ଜଳ ସଂରକ୍ଷଣ ଭଳି ସ୍ଥାୟୀ ପରିବେଶ ଅନୁକୂଳ ଅଭ୍ୟାସଗୁଡ଼ିକୁ ଗ୍ରହଣ କରାଯାଉଛି। ଆମର ଏହି ଏକମାତ୍ର ବାସସ୍ଥଳୀ ପୃଥିବୀକୁ ସୁରକ୍ଷା ପ୍ରଦାନ କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଜଳବାୟୁ ପରିବର୍ତ୍ତନର ଗମ୍ଭୀରତାକୁ ବୁଝିବା ଏବଂ ସେହି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଏବେ ଅତ୍ୟନ୍ତ ଜରୁରୀ। ଏହା କେବଳ ସରକାରଙ୍କର ନୁହେଁ, ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କର ନୈତିକ ଦାୟିତ୍ୱ।

ବଢ଼ୁଥିବା ବିଶ୍ୱ ତାପମାତ୍ରା ଫଳରେ କ'ଣ ପ୍ରଭାବ ସୃଷ୍ଟି ହୋଇଛି?

**A.** ବର୍ଦ୍ଧିତ ତୁଷାରପାତ

**B.** ସ୍ଥିର ପାଣିପାଗ ଢାଞ୍ଚା

**C.** ହିମବାହ ତରଳିବା ✓

**D.** ଝଡ଼ ହ୍ରାସ ପାଇବା

**Q72** Odia

ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଭାବରେ ଉଲ୍ଲେଖ କରାଯାଇ ନାହିଁ?

**A.** ଅନିୟମିତ ବର୍ଷା

**B.** ତୀବ୍ର ଝଡ଼

**C.** ଜୈବ ବିବିଧତା ବୃଦ୍ଧି ✓

**D.** ହିମବାହ ତରଳିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q73** Odia
ବୈଜ୍ଞାନିକମାନେ ସବୁଜଗୃହ ଗ୍ୟାସ ନିର୍ଗମନ ବିଷୟରେ କ'ଣ ଚେତାବନୀ ଦିଅନ୍ତି?

A. ଏହା ପ୍ରାକୃତିକ ଭାବରେ ବନ୍ଦ ହୋଇଯିବ

B. ଏହା କୃଷିକ୍ଷେତ୍ରରେ ଉନ୍ନତି ଆଣିବ

C. ଏହା ବର୍ଷା ହ୍ରାସ କରିବ

D. ଏହା ଅତି ପ୍ରବଳ ପାଣିପାଗ ଘଟଣା ବୃଦ୍ଧି କରିବ ✓

**Q74** Odia
ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବା ପାଇଁ କେଉଁ ଅଭ୍ୟାସ ପରାମର୍ଶ ଦିଆଯାଇଛି?

A. ଜଙ୍ଗଲ କାଟିବା

B. ଜୀବାଶ୍ମ ଇନ୍ଧନ ବ୍ୟବହାର ବୃଦ୍ଧି

C. ବନୀକରଣ ✓

D. ଶିଳ୍ପ ପ୍ରସାରଣ

**Q75** Odia
ଅନୁଚ୍ଛେଦ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଦ୍ୱାରା କ'ଣ ପ୍ରଭାବିତ ହୁଏ?

A. କେବଳ ମଣିଷ

B. କେବଳ ପଶୁ

C. କେବଳ ଉଦ୍ଭିଦ

D. ମଣିଷ, ପ୍ରାଣୀ ଏବଂ ଉଦ୍ଭିଦ ✓

## Computer

**Q76** Computer
ନିମ୍ନଲିଖିତ ମଧ୍ୟରୁ କେଉଁଟି ଆପ୍ଲିକେସନ ସଫ୍ଟୱେୟାରର ଏକ ଉଦାହରଣ ଅଟେ?

A. Microsoft Word ✓

B. Windows Operating System

C. CPU

D. RAM

**Q77** Computer
MS ୱାର୍ଡ 2021 ରେ ଲାଷ୍ଟ ଏଡିଟିଂ ଆକ୍ସନକୁ ଅନଡୁ କରିବା ପାଇଁ କେଉଁ କୀବୋର୍ଡ ସର୍ଟକଟ ବ୍ୟବହୃତ ହୁଏ?

A. Ctrl + A

B. Ctrl + C

C. Ctrl + Z ✓

D. Ctrl + S

**Q78** Computer
ଏକ ସ୍ଲାଇଡ-ଶୋ ପ୍ରେଜେଣ୍ଟ କରିବା ସମୟରେ, ଦର୍ଶକଙ୍କ ଦୃଷ୍ଟିକୁ ନିଜ ଆଡ଼କୁ ଆକର୍ଷଣ କରିବା ପ୍ରକ୍ରିୟାକୁ ପଜ (pause) କରିବା ପାଇଁ ଆପଣ 'ବ୍ଲାକ୍ ସ୍କ୍ରିନ୍' (Black Screen) ସର୍ଟକଟ ବ୍ୟବହାର କରନ୍ତି । ଯଦି ଏହା ପରେ ଆପଣ ମାଉସ୍ (mouse) ବଟନ୍‌କୁ ଥରେ କ୍ଲିକ୍ କରନ୍ତି, ତେବେ ପ୍ରେଜେଣ୍ଟେସନ୍ ଉପରେ ତୁରନ୍ତ କ'ଣ ପ୍ରଭାବ ପଡ଼ିବ?

A. ପ୍ରେଜେଣ୍ଟେସନ ତୁରନ୍ତ ପରବର୍ତ୍ତୀ ସ୍ଲାଇଡକୁ ଜମ୍ପ କରିବ ।

B. ସ୍ଲାଇଡ୍ ଶୋ ସମ୍ପୂର୍ଣ୍ଣ ଭାବରେ ଏଣ୍ଡ ହୋଇଯିବ, ଯାହା ଆପଣଙ୍କୁ Normal View କୁ ଫେରାଇ ଆଣିବ ।

C. ବ୍ଲାକ ସ୍କ୍ରିନ୍ ଅଦୃଶ୍ୟ ହୋଇଯିବ, ଏବଂ ଆପଣ ପଜ କରିଥିବା ସ୍ଲାଇଡରେ ପ୍ରେଜେଣ୍ଟେସନ ପୁଣି ରେଜ୍ୟୁମ (resume) ହେବ । ✓

D. ଏକ ହାଇଡ ହୋଇଥିବା ମେନୁ ଆପିଅର ହେବ, ଯାହା ଆପଣଙ୍କୁ ଯେକୌଣସି ସ୍ଲାଇଡ ନମ୍ବର ସିଲେକ୍ଟ କରିବାକୁ ଅନୁମତି ଦେବ ।

Blackbook Vocabulary — Now in the App! ▶ Download Now on Google Play

**Q79** Computer

ମାଇକ୍ରୋସଫ୍ଟ ଆଉଟଲୁକରେ ଆଉଟବକ୍ସ ଫୋଲ୍ଡରର ମୁଖ୍ୟ କାର୍ଯ୍ୟ କ'ଣ ଅଟେ?

**A.** ଏହା ମେସେଜଗୁଡ଼ିକୁ ସ୍ଥାୟୀ ଭାବରେ ଡିଲିଟ ହେବା ପରେ ସେଗୁଡ଼ିକୁ ଷ୍ଟୋର କରେ

**B.** ଇମେଲ୍ ସର୍ଭରକୁ ଆଉଟଗୋଇଙ୍ଗ ମେସେଜ ସେଣ୍ଟ କରିବା ପୂର୍ବରୁ ଏଗୁଡ଼ିକୁ ଅସ୍ଥାଇ ଭାବରେ ହୋଲ୍ଡ କରି ରଖେ ✓

**C.** ଏହା ରିସିଭ ହୋଇଥିବା ସମସ୍ତ ଜଙ୍କ କିମ୍ବା ସ୍ପାମ ମେସେଜକୁ ରଖିଥାଏ

**D.** ଏହା ଇମେଲ୍ କଣ୍ଟାକ୍ଟ ଏବଂ ଆଡ୍ରେସଗୁଡ଼ିକୁ ଷ୍ଟୋର କରେ

**Q80** Computer

ମାଇକ୍ରୋସଫ୍ଟ ଏକ୍ସେଲ 2020 ରେ ରେଫରେନ୍ସ ସେଲଗୁଡିକ ମଧ୍ୟରେ ଏକ ନୂତନ ରୋ ଇନସର୍ଟ କଲେ ଫର୍ମୁଲାଗୁଡିକର କ'ଣ ହୁଏ?

**A.** ନ୍ୟୁ ରୋ ଅନ୍ତର୍ଭୁକ୍ତ କରିବା ପାଇଁ ଫର୍ମୁଲାଗୁଡିକ ଅଟୋମେଟିକ ଭାବରେ ଅପଡେଟ ହୋଇଯାଏ ✓

**B.** ଫର୍ମୁଲାଗୁଡିକ ସମାନ ରହିଥାଏ

**C.** ଫର୍ମୁଲାଗୁଡିକ ତ୍ରୁଟି ଦର୍ଶାନ୍ତି

**D.** ଫର୍ମୁଲାଗୁଡିକ ଡାହାଣକୁ ସିଫ୍ଟ ହୁଏ

**Q81** Computer

କମ୍ପ୍ୟୁଟରରେ ଟାସ୍କ ମ୍ୟାନେଜର ଖୋଲିବା ପାଇଁ କେଉଁ କୀ ଗୁଡ଼ିକର କମ୍ବିନେସନ ବ୍ୟବହାର କରାଯାଏ?

**A.** Ctrl + Alt + Delete ✓

**B.** Ctrl + Alt + Task

**C.** Ctrl + Task + Delete

**D.** Task + Alt + Delete

**Q82** Computer

ଇନପୁଟ ଡିଭାଇସ ବିଷୟରେ ନିମ୍ନଲିଖିତ କେଉଁଟି ସଠିକ ଅଟେ?

**A.** ଇନପୁଟ ଡିଭାଇସଗୁଡ଼ିକ ହେଉଛି ସେଗୁଡ଼ିକ ଯାହା ମାଧ୍ୟମରେ କଣ୍ଟ୍ରୋଲ ସିଗନାଲଗୁଡ଼ିକ ଏକ କମ୍ପ୍ୟୁଟରକୁ ପଠାଯାଏ । ✓

**B.** ଇନପୁଟ ଡିଭାଇସଗୁଡ଼ିକ ହେଉଛି ସେଗୁଡ଼ିକ ଯାହା ଡିସପ୍ଲେ ପାଇଁ ଏକ କମ୍ପ୍ୟୁଟର ସିଷ୍ଟମରୁ ଡାଟା ଗ୍ରହଣ କରେ ।

**C.** ଇନପୁଟ ଡିଭାଇସଗୁଡ଼ିକ ହେଉଛି ସେଗୁଡ଼ିକ ଯାହା ପ୍ରଦର୍ଶନ ପାଇଁ ଏକ କମ୍ପ୍ୟୁଟର ସିଷ୍ଟମରୁ ଡାଟା ଗ୍ରହଣ କରେ ।

**D.** ଇନପୁଟ ଡିଭାଇସଗୁଡ଼ିକ ହେଉଛି ସେଗୁଡ଼ିକ ଯାହା ପ୍ରିଣ୍ଟ କରିବା ପାଇଁ ଏକ କମ୍ପ୍ୟୁଟର ସିଷ୍ଟମରୁ ଡାଟା ଗ୍ରହଣ କରେ ।

**Q83** Computer

MS ୱାର୍ଡ 2021 ରେ କେଉଁ ଫଙ୍କସନ କେବଳ ଏକ ରେଞ୍ଜରେ ସଂଖ୍ୟାତ୍ମକ ସେଲଗୁଡ଼ିକୁ ଗଣନା କରେ?

**A.** COUNT ✓

**B.** COUNTA

**C.** COUNTBLANK

**D.** SUM

**Q84** Computer

ଅପରେଟିଂ ସିଷ୍ଟମରେ PCB ର ପୂର୍ଣ୍ଣରୂପ କ'ଣ?

**A.** ପ୍ରୋସେସ କଣ୍ଟ୍ରୋଲ ବ୍ଲକ (Process Control Block) ✓

**B.** ପ୍ରୋଗ୍ରାମ କୋଡ ବ୍ଲକ (Program Code Block)

**C.** ପ୍ରୋସେସ୍ କମାଣ୍ଡ ବେସ୍ (Process Command Base)

**D.** ପ୍ରାଇମେରୀ କଣ୍ଟ୍ରୋଲ ବସ (Primary Control Bus)

**Q85** Computer

ଆପଣ ୱାର୍ଡରେ ପ୍ରିଣ୍ଟ ଏବଂ ପ୍ରିଣ୍ଟ ପ୍ରିଭିୟୁ ୱିଣ୍ଡୋକୁ କେଉଁଠାରୁ ଆକସେସ କରିପାରିବେ?

**A.** ହୋମ ଟ୍ୟାବ

**B.** ଫାଇଲ୍ > ପ୍ରିଣ୍ଟ ✓

**C.** ଇନସର୍ଟ > ପ୍ରିଭିୟୁ

**D.** ଲେଆଉଟ୍ > ପ୍ରିଣ୍ଟ

**Q86** Computer

ଯଦି ଆପଣ ଏକ୍ସେଲରେ ଏକ ରୋ (row) ଡିଲିଟ କରନ୍ତି, ତେବେ କ'ଣ ହୁଏ?

**A.** ରୋ (row) ରେ ଥିବା ସମସ୍ତ ଡାଟା ରିମୁଭ ହୁଏ ଏବଂ ନିମ୍ନରେ ଥିବା ରୋଗୁଡିକ (rows) ଉପରକୁ ଶିଫ୍ଟ ହୁଏ । ✓

**B.** କେବଳ ରୋ (row) ରେ ଥିବା ଡାଟା ଡ଼ିଲିଟ ହୁଏ, ଏବଂ ରୋ ସେହିପରି ରହେ ।

**C.** ସମଗ୍ର ୱାର୍କସିଟ ଡ଼ିଲିଟ ହୋଇଯାଏ ।

**D.** ଡ଼ିଲିଟ ହୋଇଥିବା ରୋ (row) ପରିବର୍ତ୍ତେ ଏକ ବ୍ଲାଙ୍କ ରୋ (blank row) ଇନସର୍ଟ ହୁଏ ।

**Q87** Computer

ଏକ ବିଦ୍ୟମାନ ଡକ୍ୟୁମେଣ୍ଟ ଓପନ କରିବା ଏବଂ ଏକ ସିଙ୍ଗଲ ଡକ୍ୟୁମେଣ୍ଟ କ୍ଲୋଜ କରିବା ପାଇଁ ମାଇକ୍ରୋସଫ୍ଟ ୱାର୍ଡରେ ଥିବା କୀ-ବୋର୍ଡ ସର୍ଟକଟ୍ କ'ଣ?

**A.** Ctrl + O ଏବଂ Ctrl + W ✓

**B.** Ctrl + O ଏବଂ Ctrl + X

**C.** Alt + O ଏବଂ Ctrl + W

**D.** Alt + O ଏବଂ Ctrl + X

**Q88** Computer

MS ପାୱାରପଏଣ୍ଟରେ 'Presenter View' କ'ଣ ପାଇଁ ବ୍ୟବହୃତ ହୁଏ?

**A.** ଦର୍ଶକଙ୍କ ଠାରୁ ସ୍ଲାଇଡଗୁଡ଼ିକୁ ହାଇଡ କରିବା ପାଇଁ

**B.** ପ୍ରିଣ୍ଟ ମୋଡରେ ସ୍ଲାଇଡ ଶୋ' ର ପ୍ରିଭିଉ ପାଇଁ

**C.** ସ୍ପିକର ନୋଟ ଏବଂ ଆଗାମୀ ସ୍ଲାଇଡଗୁଡ଼ିକୁ ପ୍ରାଇଭେଟ ଭାବରେ ଦେଖିବା ପାଇଁ ✓

**D.** ଥିମ ପରିବର୍ତ୍ତନ କରିବା ପାଇଁ

Blackbook Vocabulary — Now in the App! ▶ Download Now on Google Play

**Q89** Computer

PowerPoint (ମାଇକ୍ରୋସଫ୍ଟ ଅଫିସ୍ 2021) ରେ ଏକ ନୂତନ ସ୍ଲାଇଡ୍ ଯୋଗ କରିବାର ସର୍ଟକଟ୍ ପଦ୍ଧତି କ'ଣ?

- **A.** Ctrl + A
- **B.** Ctrl + X
- **C.** Ctrl + M ✓
- **D.** Ctrl + Z

**Q90** Computer

ଇମେଲ ଅପ୍ସନ 'ରିପ୍ଲାଏ (Reply)' ଏବଂ 'ରିପ୍ଲାଏ ଅଲ (Reply All)' ମଧ୍ୟରେ ପାର୍ଥକ୍ୟ କ'ଣ?

- **A.** ସେହି ଦୁଇଟି ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ।
- **B.** ରିପ୍ଲାଏ ଆଟାଚମେଣ୍ଟ କୁ ଫରୱାର୍ଡ କରେ ନାହିଁ ଏବଂ ରିପ୍ଲାଏ ଅଲ ଆଟାଚମେଣ୍ଟକୁ ଫରୱାର୍ଡ କରେ ।
- **C.** ରିପ୍ଲାଏ କେବଳ ସେଣ୍ଡର ଙ୍କୁ ସେଣ୍ଡ କରେ ଏବଂ ରିପ୍ଲାଏ ଅଲ ସେହି ଇମେଲ ରେ ସମସ୍ତ କପି ହୋଇଥିବା ଇମେଲ ID କୁ ସେଣ୍ଡ କରେ । ✓
- **D.** ରିପ୍ଲାଏ କେବଳ ସେଣ୍ଡକୁ ସେଣ୍ଡ କରେ ଏବଂ ରିପ୍ଲାଏ ଅଲ ଇମେଲ ID କୁ ସେଣ୍ଡ କରେ ଯାହା ପ୍ରକୃତରେ ଇମେଲ ରେ ନଥାଏ ।

## Reasoning

**Q91** Reasoning

A, C, E, F, H, J ଏବଂ L ଏକ ବୃତ୍ତାକାର ଟେବୁଲ ଚାରିପାଖରେ କେନ୍ଦ୍ରକୁ ମୁହଁ କରି ବସିଛନ୍ତି । C ଙ୍କ ଡାହାଣ ପାର୍ଶ୍ୱରୁ ଗଣନା କରିବା ସମୟରେ C ଓ J ଙ୍କ ମଧ୍ୟରେ କେବଳ ଦୁଇଜଣ ବ୍ୟକ୍ତି ବସିଛନ୍ତି । H ଙ୍କ ଠିକ ଡାହାଣ ପାର୍ଶ୍ୱରେ F ବସିଛନ୍ତି । A ଙ୍କ ବାମ ପାର୍ଶ୍ୱରୁ ଗଣନା କରିବା ସମୟରେ E ଓ A ଙ୍କ ମଧ୍ୟରେ କେବଳ ଜଣେ ବ୍ୟକ୍ତି ବସିଛନ୍ତି । J ଙ୍କ ନିକଟତମ ପଡ଼ୋଶୀ E ନୁହଁନ୍ତି । F ଙ୍କ ବାମ ପାର୍ଶ୍ୱରୁ ଗଣନା କରିବା ସମୟରେ L ଓ F ଙ୍କ ମଧ୍ୟରେ କେତେ ଜଣ ବ୍ୟକ୍ତି ବସିଛନ୍ତି?

- **A.** ଏକ
- **B.** ଦୁଇ ✓
- **C.** ତିନି
- **D.** ଚାରି

**Q92** Reasoning

ନିମ୍ନରେ ପ୍ରଦତ୍ତ ଦୁଇଟି ଯୋଡ଼ି ସେଟ ଯେଉଁ ଢାଞ୍ଚା ଅନୁସରଣ କରନ୍ତି, ସେହି ସମାନ ଢାଞ୍ଚା ଅନୁସରଣ କରୁଥିବା ଯୋଡ଼ିକୁ ଚୟନ କର । ଉଭୟ ଯୋଡ଼ି ସମାନ ଢାଞ୍ଚା ଅନୁସରଣ କରନ୍ତି ।

TEF : PAK
LWP : HSU

- **A.** QZR : LUV
- **B.** ZAW : VWA
- **C.** DOZ : ZKE ✓
- **D.** KWB : GSE

**Q93** Reasoning

ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଅକ୍ଷର-ସଂଖ୍ୟା ପୁଞ୍ଜ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ସ୍ଥାପିତ କରାଯାଇପାରିବ?
RCN46, VFQ54, ZIT62, DLW70, ?

- **A.** INY 79
- **B.** HOZ 78 ✓
- **C.** GPA 79
- **D.** IOA 78

**Q94** Reasoning

Q, R,W, T, E, U ଓ Y ଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଏକ ସପ୍ତାହର ଭିନ୍ନ ଭିନ୍ନ ଦିନରେ ପରୀକ୍ଷା ଅଛି ଯାହା ସୋମବାର ଠାରୁ ଆରମ୍ଭ ହୋଇ ସମାନ ସପ୍ତାହର ରବିବାର ସମାପ୍ତ ହୁଏ । T ଙ୍କ ବୁଧବାର ଦିନ ପରୀକ୍ଷା ଅଛି । T ଓ Q ମଧ୍ୟରେ ଠିକ 3 ଜଣଙ୍କର ପରୀକ୍ଷା ଅଛି । E ର ଠିକ ପରେ U ର ପରୀକ୍ଷା ଅଛି ଏବଂ E ର ଠିକ ପୂର୍ବରୁ Y ର ପରୀକ୍ଷା ଅଛି । R ଓ E ମଧ୍ୟରେ କେବଳ 3 ଲୋକଙ୍କ ପରୀକ୍ଷା ଅଛି । E ଙ୍କ ପରେ କେତେ ଜଣ ଲୋକଙ୍କ ପରୀକ୍ଷା ଅଛି?

- **A.** 1
- **B.** 2 ✓
- **C.** 3
- **D.** 4

Blackbook Vocabulary — Now in the App! ▶ Download Now on Google Play

**Q95** Reasoning

ଯଦି '+' ଓ '–' ପରସ୍ପର ମଧ୍ୟରେ ଏବଂ '×' ଓ '÷' ପରସ୍ପର ମଧ୍ୟରେ ଅଦଳବଦଳ ହୁଏ, ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ହେବ?
29 - 13 + 14 × 2 - 15 ÷ 3 = ?

- **A.** 65
- **B.** 94
- **C.** 80 ✓
- **D.** 50

**Q96** Reasoning

ଏକ ନିର୍ଦ୍ଦିଷ୍ଟ କୋଡ୍ ଭାଷାରେ,

A + G ର ଅର୍ଥ 'G ର ଭଉଣୀ A ଅଟେ'
A – G ର ଅର୍ଥ 'G ର ଭାଇ A ଅଟେ'
A × G ର ଅର୍ଥ 'G ର ପୁଅ A ଅଟେ'
A ÷ G ର ଅର୍ଥ 'G ର ମାଆ A ଅଟେ'
ଉପରୋକ୍ତ ଆଧାରରେ ଯଦି 'D x F ÷ H - I + J' ହୁଏ, ତେବେ D ସମ୍ପର୍କରେ J ଙ୍କର କ'ଣ ହେବେ?

- **A.** ଭାଇ ✓
- **B.** ବାପା
- **C.** ପୁଅ
- **D.** ମାଆଙ୍କ ବାପା

**Q97** Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ 'judge roof case' କୁ 'gy ps pg' ଭାବରେ ଏବଂ 'fact judge youth' କୁ 'ps bh yc' ଭାବରେ କୋଡ କରାଯାଇଛି । ପ୍ରଦତ୍ତ ଭାଷାରେ 'judge' କୁ କିପରି ଭାବେ କୋଡ କରାଯିବ?

- **A.** bh
- **B.** ps ✓
- **C.** gy
- **D.** pg

**Q98** Reasoning

ପ୍ରଦତ୍ତ ବିବୃତି ଓ ନିଷ୍କର୍ଷଗୁଡିକୁ ଧ୍ୟାନର ସହିତ ଅଧ୍ୟୟନ କରନ୍ତୁ । ଏହା ସାଧାରଣତଃ ଜଣାଶୁଣା ତଥ୍ୟ ଠାରୁ ଭିନ୍ନ ମନେହେଲେ ସୁଦ୍ଧା ବିବୃତିରେ ପ୍ରଦତ୍ତ ତଥ୍ୟ କୁ ସତ୍ୟ ବୋଲି ବିବେଚନା କରନ୍ତୁ ଏବଂ ପ୍ରଦତ୍ତ ବିବୃତି (ଗୁଡିକ) କୁ ତର୍କସଙ୍ଗତ ଭାବରେ କେଉଁ ନିଷ୍କର୍ଷ (ଗୁଡିକ) ଅନୁସରଣ କରୁଛି ତାହା ନିର୍ଣ୍ଣୟ କରନ୍ତୁ ।

ବିବୃତି:
କିଛି ବିଲେଇ ଗୃହପାଳିତ ଅଟନ୍ତି ।
ସମସ୍ତ ଗୃହପାଳିତ ପଶୁ ଅଟନ୍ତି ।

ନିଷ୍କର୍ଷ (I): କିଛି ବିଲେଇ ପଶୁ ଅଟନ୍ତି ।
ନିଷ୍କର୍ଷ (II): କୌଣସି ପଶୁ ଗୃହପାଳିତ ନୁହଁନ୍ତି ।

- **A.** କେବଳ ନିଷ୍କର୍ଷ (I) ଅନୁସରଣ କରେ ✓
- **B.** କେବଳ ନିଷ୍କର୍ଷ (II) ଅନୁସରଣ କରେ
- **C.** ନିଷ୍କର୍ଷ (I) କିମ୍ବା (II) କୌଣସିଟି ଅନୁସରଣ କରେ ନାହିଁ
- **D.** ଉଭୟ ନିଷ୍କର୍ଷ (I) ଏବଂ (II) ଅନୁସରଣ କରେ

**Q99** Reasoning

Based on the English alphabetical order, three of the following four are alike in a certain way and thus form a group. Which is the one that does not belong to that group? (Note: The odd one out is not based on the number of consonants/vowels or their position in the letter-cluster.)

- **A.** HNP ✓
- **B.** DIO
- **C.** FKQ
- **D.** GLR

**Q100** Reasoning

ଶବ୍ଦ EUCHRADର ପ୍ରତ୍ୟେକ ଅକ୍ଷରକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପରବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଏ ଏବଂ ତା'ପରେ ଏହିପରି ଗଠିତ ସମସ୍ତ ଅକ୍ଷରକୁ ବର୍ଣ୍ଣମାଳା ଅନୁକ୍ରମରେ ସଜାଡ଼ି ଦିଆଯାଏ । ଏହିପରି ଗଠିତ ନୂତନ ଅକ୍ଷର ଗୋଷ୍ଠୀରେ ନିମ୍ନଲିଖିତ ଅକ୍ଷରଗୁଡ଼ିକ ମଧ୍ୟରୁ କେଉଁଟି ଡାହାଣ ପାର୍ଶ୍ୱରୁ ଚତୁର୍ଥ ହେବ?

- **A.** D
- **B.** E
- **C.** F ✓
- **D.** I

Blackbook Vocabulary — Now in the App! ► Download Now on Google Play